ଧରିତ୍ରୀ
DHARITRI



## ସଂକ୍ଷେପରେ

### ବାକି ଟଙ୍କା ମାଗିବାରୁ ଆକ୍ରମଣ

**ଅନୁଗୋଳ ଅଫିସ, ୨୨ା୬:** ଅନୁଗୋଳ ଥାନା ହୁଲୁରିସିଂହାରେ ବୁଧବାର ବାକି ଟଙ୍କା ମାଗିବାରୁ ଜଣେ ଦୋକାନୀଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ଏ ନେଇ ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ନଂ. ୩୩୮/୨୨ରେ ମାମଲା ରୁଜୁ କରି ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ପ୍ରକାଶ ଯେ, ହୁଲୁରିସିଂହାରେ ଅର୍ଜିତ ପାଣି ଏକ ତେଜରାତି ଦୋକାନ ଦେଇଛନ୍ତି। ତାଙ୍କ ଦୋକାନରୁ ଟୁକୁ ନାଏକ ପୂର୍ବରୁ ବାକି କରି ସଉଦା ନେଇଥିଲେ। କିନ୍ତୁ ଟଙ୍କା ନ ଦେଇ ଦିନ ଗଡ଼ାଉଥିଲେ। ବୁଧବାର ପୁଣି ସଉଦା ନେବାକୁ ଆସିବାବେଳେ ବ୍ୟବସାୟୀ ଟୁକୁଙ୍କୁ ବାକି ଟଙ୍କା ମାଗିଥିଲେ। ଏଥିରେ ଟୁକୁ ଉତ୍କ୍ଷିପ୍ତ ହୋଇ ଦୋକାନୀଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ ଦର୍ଶାଯାଇଛି।

### ଜିଆଇଇଟି ପକ୍ଷରୁ ଅଭିଭାବକ ସମ୍ମିଳନୀ



**ଅନୁଗୋଳ ଅଫିସ,୨୨ା୬:** ରାୟଗଡ଼ା ଜିଲା ଗୁଣୁପୁରସ୍ଥିତ ଜିଆଇଇଟି ପକ୍ଷରୁ ବୁଧବାର ଅନୁଗୋଳସ୍ଥିତ ଏକ ହୋଟେଲରେ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷାନୁଷ୍ଠାନର ପ୍ରଫେସର ଡକ୍ଟର ଅମି କୁମାର ପରିଡ଼ା ମୁଖ୍ୟ ଅତିଥି ଏବଂ ଜୋନାଲ ମ୍ୟାନେଜର ବଳଦେବ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଦିଆଯାଉଥିବା ଉଚ୍ଚମାନର ଶିକ୍ଷା, ପ୍ରଶିକ୍ଷଣ ଓ ଗ୍ରନ୍ଥାଗାର ସହ ନିଯୁକ୍ତି ସୁଯୋଗ ସମ୍ପର୍କରେ ଅଭିଭାବକଙ୍କୁ ଅବଗତ କରିଥିଲେ। ଚଳିତ ବର୍ଷ ରେକର୍ଡ ୯୬ ପ୍ରତିଶତ ଛାତ୍ରୀଛାତ୍ର ବହୁ ଦେଶୀୟ ଓ ଅନ୍ତର୍ଦେଶୀୟ କମ୍ପାନୀରେ ନିଯୁକ୍ତି ପାଇବା ଅନୁଷ୍ଠାନ ପାଇଁ ଗୌରବର ବିଷୟ ବୋଲି ଅତିଥିମାନେ ଦର୍ଶାଇଥିଲେ। ଅନୁଷ୍ଠାନର ପୁରାତନ ଓ ବର୍ତ୍ତମାନ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରମାନଙ୍କ ଅଭିଭାବକମାନେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ଭବିଷ୍ୟତ ବିଷୟରେ ଉପସ୍ଥିତ ଅନୁଷ୍ଠାନର ପ୍ରଫେସରମାନଙ୍କ ସହ ଆଲୋଚନା କରିଥିଲେ। ତାପସ ରଞ୍ଜନ ପ୍ରଧାନ ଏବଂ ଶମ୍ଭୁ ପ୍ରସାଦ ବାବୁ ପ୍ରମୁଖ ପରିଚାଳନା କରିଥିଲେ।

### ମଦ ଜବତ, ଜଣେ ଗିରଫ

ବଇଣ୍ଡା,୨୨ା୬(ଡି.ଏନ.ଏ.)- କିଶୋରନଗର ବ୍ଲକ ବଇଣ୍ଡା ଅବକାରୀ ବିଭାଗ ପକ୍ଷରୁ ଜାମୁନାଳୀଠାରେ ଚଢ଼ାଉ କରାଯାଇ ପାଇକସାହି ଗ୍ରାମର ପ୍ରଦୀପ କୁମାର ପ୍ରଧାନଙ୍କଠାରୁ ୧୩ ଲିଟର ବିଦେଶୀ ମଦ ଜବତ କରାଯାଇଛି। ଏଥିସହ ତାଙ୍କୁ ଗିରଫ କରାଯାଇଛି। ସେ ବିଦେଶୀ ମଦ ଦୋକାନରୁ ବିକ୍ରି ପାଇଁ ମଦ ନେଉଥିବା ଖବରପାଇ ଅବକାରୀ ଅଧିକାରୀ ବଳବୀର ଗଡ଼ନାୟକ ଚଢ଼ାଉ କରିଥିଲେ।

# ବିପଦ ଆଶଙ୍କା ବଢ଼ାଉଛି ମୁକୁଳା ବୋର୍‌ୱେଲ

■ବର୍ଷେ ତଳେ ଖୋଲିଥିଲା ପ୍ରଶାସନ

■ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଖୋଲା ପଡ଼ିଛି

**ବଅଁରପାଳ,୨୨ା୬(ଡି.ଏନ.ଏ.)**

ମୁକୁଳା ପଡ଼ିଥିବା ବୋର୍‌ୱେଲ କିପରି ଶିଶୁଙ୍କ ପାଇଁ ବିପଦ ସାଜିପାରେ ତାହାର ଉଦାହରଣ ଦେଶରେ ବାରମ୍ବାର ଦେଖିବାକୁ ମିଳୁଛି। ନିକଟରେ ଛତିଶଗଡ଼ରେ ଏପରି ଏକ ଘଟଣା ଚର୍ଚ୍ଚାର ବିଷୟ ହୋଇଥିବାବେଳେ ୨୦୧୭ ଡିସେମ୍ବର ୨୫ରେ ଅନୁଗୋଳ ଜିଲା କିଶୋରନଗର ବ୍ଲକ ଜାମୁନାଳୀ ପଞ୍ଚାୟତ ଗୋଳାସର ଗ୍ରାମର ୨ ବର୍ଷୀୟା ଶିଶୁକନ୍ୟା ରାଧାରାଣୀ ଖୋଲା ବୋର୍‌ୱେଲ ଭିତରକୁ ଖସିପଡ଼ିଥିବା ନଜିର ରହିଛି। ତଥାପି ମୁକୁଳା ପଡ଼ିଥିବା ଏପରି ବୋର୍‌ୱେଲକୁ ଆବଦ୍ଧ କରାଯିବା ଦିଗରେ ତତ୍ପରତା ପ୍ରକାଶ ପାଉନାହିଁ। ଅନୁଗୋଳ ଜିଲା ବଅଁରପାଳ ବ୍ଲକ କନ୍ୟାବେଡ଼ା ଗ୍ରାମର ହରିଜନ ସାହିକୁ ପାନୀୟ ଜଳ ଯୋଗାଣ ଉଦ୍ଦେଶ୍ୟରେ ପ୍ରଶାସନ ପକ୍ଷରୁ ଖୋଳାଯାଇଥିବା ଏକ ବୋର୍‌ୱେଲ ବର୍ଷେ ହେଲା ମୁକୁଳା ପଡ଼ିଛି। ସମ୍ପୂର୍ଣ୍ଣ ହୋଇ ନ ଥିବା ଏହି ବୋର୍‌ୱେଲରେ ଢାଙ୍କୁଣୀ ଲଗାଯାଇ ନ ଥିବାରୁ ଏହା ସ୍ଥାନୀୟ ଶିଶୁମାନଙ୍କ ପାଇଁ ବିପଦ ସାଜିପାରେ ବୋଲି ଅଞ୍ଚଳବାସୀଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇଛି।



କନ୍ୟାବେଡ଼ା ଗ୍ରାମ ହରିଜନ ସାହିରେ ଥିବା ବୋର୍‌ୱେଲ ମୁକୁଳା ପଡ଼ିଛି।

ସାହିବାସୀଙ୍କ କହିବା ଅନୁଯାୟୀ, ସରକାରଙ୍କ ପକ୍ଷରୁ ବର୍ଷେ ତଳେ ଏହି ବୋର୍‌ୱେଲ ଖୋଳାଯାଇଥିଲା। ହେଲେ ୨ଶହ ଫୁଟ ଗଭୀର ଉକ୍ତ ବୋର୍‌ୱେଲ ବ୍ୟବହାରରେ ଲାଗୁନାହିଁ। ଏହାକୁ ସମ୍ପୂର୍ଣ୍ଣ କରି କାର୍ଯ୍ୟରେ ଲଗାଇବା ପରିବର୍ତ୍ତେ ପ୍ରଶାସନ ଖୋଲା ଛାଡ଼ିଦେଇଥିବାରୁ ଏହା ପିଲାଙ୍କ ପାଇଁ ବିପଦର କାରଣ ସାଜିବାର ଆଶଙ୍କା ସୃଷ୍ଟି କରୁଛି। ଏହି ସାହିରେ ପ୍ରାୟ ୫୦ ଶିଶୁ ଥିବାବେଳେ ନିକଟରେ ଏକ ପ୍ରାଥମିକ ବିଦ୍ୟାଳୟ ରହିଛି। ବୋର୍‌ୱେଲର ଓସାର କମ୍ ଥିବାରୁ ଏଥିରେ ଶିଶୁ ଖସିପଡ଼ିବାର ସମ୍ଭାବନା ନ ଥିବା ପ୍ରଶାସନ କହୁଥିଲେ ମଧ୍ୟ ନିକଟରେ ଖେଳାଖେଳି କରୁଥିବା ପିଲା ଯେ ଏହାଦ୍ୱାରା ଆଘାତପ୍ରାପ୍ତ ନ ହେବେ ତାହା କହିହେବ ନାହିଁ। ତେଣୁ ଯେକୌଣସି ମୁହୂର୍ତ୍ତରେ ଏଠାରେ କିଛି ଅଘଟଣ ଘଟିଯିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ବ୍ଲକ ଜଳ ଓ ପରିମଳ ବିଭାଗ ଏଥିପ୍ରତି ଦୃଷ୍ଟି ଦେବା ଦରକାର ବୋଲି ସାହିବାସିନ୍ଦା ବିନୋଦ ନାୟକ, ସୁମନ୍ତ ନାୟକ, ପପୁନ ନାୟକ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଦିଲୀପ ବେହେରା କହିଛନ୍ତି, ବ୍ଲକ ଅଞ୍ଚଳରେ ୨୦୦ରୁ ୨୫୦ ଫୁଟ ଗଭୀର ପର୍ଯ୍ୟନ୍ତ ବୋର୍‌ୱେଲ ଖୋଳାଯାଉଛି। ତେବେ କନ୍ୟାବେଡ଼ା ହରିଜନ ସାହିରେ ଥିବା ବୋର୍‌ୱେଲର ଓସାର ମାତ୍ର ୫ ରୁ ୮ ଇଞ୍ଚ ରହିଥିବାରୁ ଏହା ଶିଶୁଙ୍କ ପ୍ରତି କୌଣସି ବିପଦ ସୃଷ୍ଟି କରୁନାହିଁ। ବୋର୍‌ୱେଲର ଓସାର ୧୨ ଇଞ୍ଚ ରହିଲେ ଏଥିରେ ଶିଶୁମାନେ ଖସିପଡ଼ିବାର ସମ୍ଭାବନା ରହିଛି। ତଥାପି ବ୍ଲକ ଅଞ୍ଚଳରେ ଯଦି କେଉଁଠି ବୋର୍‌ୱେଲ ମୁକୁଳା ଅବସ୍ଥାରେ ଥାଏ, ସେଥିପ୍ରତି ଧ୍ୟାନ ଦିଆଯାଇ ପଦକ୍ଷେପ ନିଆଯିବ ବୋଲି କନିଷ୍ଠ ଯନ୍ତ୍ରୀ ପ୍ରକାଶ କରିଛନ୍ତି।

**ଖୋଲା ଛଡ଼ାଯିବା ବିପଦ**



"ଦୀର୍ଘଦିନ ହେଲା ଏହି ଖୋଲା ବୋର୍‌ୱେଲ ବିପଦସଙ୍କୁଳ ଅବସ୍ଥାରେ ରହିଛି। ସାହିରେ ବହୁ ଶିଶୁ ଥିବାରୁ ଏହା ସେମାନଙ୍କ ପାଇଁ କେତେବେଳେ ମଧ ବିପଦ ସାଜିପାରେ। ଯଦି ଏହା କାର୍ଯ୍ୟରେ ଏବେ ଲାଗିନାହିଁ, ତା'ହେଲେ ଆବଦ୍ଧ କରିଦିଆଯିବା ଦରକାର।

-ମୁକୁନ୍ଦ ନାୟକ, କନ୍ୟାବେଡ଼ା

**ବର୍ଷେ ତଳୁ ଖୋଳାଯାଇଛି**



"ବର୍ଷେ ତଳୁ ଏହି ବୋର୍‌ୱେଲ ଖୋଳାଯାଇଛି। କିନ୍ତୁ ତାହାକୁ ବ୍ୟବହାରରେ ଲଗା ନ ଯାଇ ଏପରି ମୁକୁଳା ପକାଯାଇଛି। ଗାଁ ମଧ୍ୟରେ ଏହାକୁ ଏପରି ବିପଦପୂର୍ଣ୍ଣ ଅବସ୍ଥାରେ ରଖାଯିବା ଅଘଟଣକୁ ଆମନ୍ତ୍ରଣ କରିବା ସଙ୍ଗେ ସମାନ।

- କୁନ୍ତୀ ନାୟକ, କନ୍ୟାବେଡ଼ା

**ବିଭାଗୀୟ ଅଧିକାରୀ ଦୃଷ୍ଟି ଦିଅନ୍ତୁ**



"ସାହିବାସୀଙ୍କୁ ପାନୀୟ ଜଳ ଯୋଗାଇ ଦେବା ଉଦ୍ଦେଶ୍ୟରେ ଏହା ଖୋଳାଯାଇଥିଲେ ହେଁ ସମ୍ପୂର୍ଣ୍ଣ କରାଯାଇ ନ ଥିବାରୁ କାମରେ ଆସୁନାହିଁ। ଆବଶ୍ୟକତା ନ ଥିଲେ ତାହାକୁ ଯଥାଶୀଘ୍ର ବନ୍ଦ କରିବା ଦିଗରେ ପଦକ୍ଷେପ ନିଆଯାଉ।

-ତ୍ରିନାଥ ସାହୁ, କନ୍ୟାବେଡ଼ା

# ଅର୍ଥନୈତିକ ଅବରୋଧ ନେଇ କରାଯିବ ସଚେତନ

**ତାଳଚେର,୨୨ା୬(ନି.ପ୍ର.)**

ତାଳଚେର ମେଡିକାଲ କଲେଜକୁ ସରକାର ଶୀଘ୍ର ପରିଚାଳନା କରିବା ଦାବି ନେଇ ତାଳଚେର ସରକାରୀ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆସନ୍ତା ଜୁଲାଇ ୪ ତାରିଖରୁ ୭୨ ଘଣ୍ଟିଆ ଅର୍ଥନୈତିକ ଅବରୋଧ ଆନ୍ଦୋଳନ କରାଯିବ। ଏହାକୁ ସଫଳ କରିବା ପାଇଁ ମଙ୍ଗଳବାର ତାଳଚେର ପ୍ରେସ କ୍ଲବଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅର୍ଥନୈତିକ ଅବରୋଧକୁ ସଫଳ କରିବା ନିମନ୍ତେ ତାଳଚେର ଉପଖଣ୍ଡର ଜନସାଧାରଣଙ୍କୁ ସଚେତନ କରିବା ପାଇଁ ବ୍ୟାପକ ପ୍ରଚାରପତ୍ର ବଣ୍ଟନ କରାଯିବ। ଆସନ୍ତା ୨୫ ତାରିଖରେ ତାଳଚେର ହାଟ ଓ ବିଭିନ୍ନ ମାର୍କେଟରେ ପ୍ରଚାରପତ୍ର ବଣ୍ଟନ ଓ ଡାକବାଜି ଯନ୍ତ୍ର ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଯିବ। ଏଥିସହ ଆସନ୍ତା ୨୯ ତାରିଖରେ ପ୍ରେସ୍ କ୍ଲବଠାରେ ଏକ ପୂର୍ଣ୍ଣାଙ୍ଗ ବୈଠକ ଅନୁଷ୍ଠିତ ହେବ। ସେହିପରି ଟ୍ରେନ ଓ ଟ୍ରକ୍ ମାଧ୍ୟମରେ ତାଳଚେର ବାହାରକୁ ଯାଉଥିବା କୋଇଲା ପରିବହନକୁ ୭୨ ଘଣ୍ଟା ବନ୍ଦ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। କ୍ରିୟାନୁଷ୍ଠାନ କମିଟି ଆବାହକ ପଦ୍ମଚରଣ ସାମଲ, ପୂର୍ବତନ ନଗରପାଳ କେଶବ ଭୂତିଆ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦିଗାମ୍ବର ଗଡନାୟକ, ପ୍ରେସ୍ କ୍ଲବ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ଚୈତନ୍ୟ ପ୍ରଧାନ, ସୁକାନ୍ତ ଦାସ, କୈଳାସ ସାହୁ, ଟୁନା ନାଏକ, ଅଭୟ ପାଣି, ପ୍ରହ୍ଲାଦ ଚନ୍ଦ୍ର ସାହୁ, ରଞ୍ଜିତ ମହାପାତ୍ର, ପବିତ୍ର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତାମାନେ।

## କଲେଜ ଶ୍ରେଣୀଗୃହ ଉଦ୍‌ଘାଟିତ

**ବଅଁରପାଳ,୨୨ା୬(ଡି.ଏନ.ଏ.)**

ବଅଁରପାଳସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବହିର୍ଚିକିତ୍ସା ବିଭାଗର ନୂତନ ଗୃହ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ୭୫ ଲକ୍ଷ ଟଙ୍କା ବ୍ୟୟରେ ଏଚ୍‌ଆର୍‌ଏଚ୍‌ଏମ୍ ପାଣ୍ଠିରୁ ବଅଁରପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ନିର୍ମିତ ବହିର୍ବିଭାଗର ନୂତନ ଗୃହକୁ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ବିଜୟ କୁମାର ନାଥ, ସିଡିଏମ୍‌ଓ ତ୍ରିଲୋଚନ ପ୍ରଧାନ, ଜିଲାପରିଷଦ ସଦସ୍ୟ ଗୋପାଳ ନାଏକ, ପିଡବ୍ଲୁଡି କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ବିନୟ କୁମାର ପାଢ଼ୀ, ନିମନ୍ତ୍ରିତ ଅତିଥି ଭାବେ ବିଜେଡି ଯୁବନେତା ଅରୁଣାଭ ସିଂହ, ସୁବାସ ପଟ୍ଟନାୟକ ଓ ନିକଟବର୍ତ୍ତୀ ପଞ୍ଚାୟତର ସରପଞ୍ଚ ସମିତିସଭ୍ୟମାନେ ଉପସ୍ଥିତ ଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଶଙ୍କର୍ଷଣ ଗାହାଣ ଧନ୍ୟବାଦ ଦେଇଥିଲେ। ସେହିପରି ସ୍ଥାନୀୟ ସୋମନାଥ ସିଂହ ଜଗଦେବ ଯୁକ୍ତ ୩ ମହାବିଦ୍ୟାଳୟରେ ଉଚ୍ଚଶିକ୍ଷା ବିଭାଗ ଓ ମହାବିଦ୍ୟାଳୟ ନିଜସ୍ୱ ପାଣ୍ଠିରୁ ନିର୍ମିତ ନୂତନ ଶ୍ରେଣୀଗୃହ ଓ ବିଜ୍ଞାନାଗାରକୁ ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ବିଜୟ କୁମାର ନାଥ, ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିପିନି ବିହାରୀ ବରାହ ପ୍ରମୁଖ ଯୋଗ ଦେଇଥଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଗୋକୁଳାନନ୍ଦ ପ୍ରଧାନ ଧନ୍ୟବାଦ ଦେଇଥିଲେ।



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଙ୍କ ସମେତ ଅନ୍ୟମାନେ।

## ଆକାଉଣ୍ଟରୁ ୧ ଲକ୍ଷ ୩୮ ହଜାର ଟଙ୍କା ଗାଏବ

**ଅନୁଗୋଳ ଅଫିସ, ୨୨ା୬**

ଅନୁଗୋଳ ସହରରେ ବୁଧବାର ଜଣେ ମହିଳା ସାଇବର ଠକେଇର ଶିକାର ହୋଇଛନ୍ତି। ଏ ନେଇ ସେ ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। କ୍ରେଡିଟ୍ କାର୍ଡର ଲିମିଟ୍ ବୃଦ୍ଧି କରିବାକୁ କହି ତାଙ୍କ ଆକାଉଣ୍ଟରୁ ସାଇବର ଠକ ୧ ଲକ୍ଷ ୩୮ ହଜାର ଟଙ୍କା ଗାଏବ କରିନେଇଥିବା ମହିଳା ଜଣଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗ ଅନୁଯାୟୀ, ମତ୍ସ୍ୟ ବିଭାଗ ସମ୍ମୁଖରେ ରହୁଥିବା ସମ୍ପୃକ୍ତ ମହିଳାଙ୍କୁ ଠକ ଜଣଙ୍କ ଏକ ଅଜଣା ନମ୍ବରରୁ ଫୋନ୍ କରିଥିଲେ। କ୍ରେଡିଟ୍ କାର୍ଡରେ ଭଲ ନେଣଦେଣ ହେଉଥିବାରୁ ଲିମିଟ୍ ବୃଦ୍ଧି କରାଯିବ ବୋଲି କହିଥିଲେ। ଏ ନେଇ କାର୍ଡର ନମ୍ବର, ସିସିଭି ନମ୍ବର ଓ ଅନ୍ୟ ତଥ୍ୟ ମାଗିଥିଲେ। ମହିଳା ଜଣଙ୍କ ଠକଙ୍କ କଥାରେ ପ୍ରଲୋଭିତ ହୋଇ ସମସ୍ତ ତଥ୍ୟ ତାଙ୍କୁ ପ୍ରଦାନ କରିଥିଲେ। ଏହାପରେ ୩ଟି ପର୍ଯ୍ୟାୟରେ ତାଙ୍କ ଆକାଉଣ୍ଟରୁ ୧ ଲକ୍ଷ ୩୮ ହଜାର ଟଙ୍କା ଗାଏବ ହୋଇଯାଇଥିଲା ବୋଲି ମହିଳା ଜଣଙ୍କ ଏତଲାରେ ଦର୍ଶାଇଛନ୍ତି।

# ଯୋଗ ଶରୀର ଓ ମନର ଅପୂର୍ବ ସମନ୍ୱୟ



ଜେଏସ୍‌ପି ଅଧିକାରୀମାନେ ଯୋଗାଭ୍ୟାସ କରୁଛନ୍ତି।

**ଅନୁଗୋଳ ଅଫିସ,୨୨ା୬**

### ଜେଏସ୍‌ପିରେ ଯୋଗ ଦିବସ

ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି) ଏବଂ ଏହାର ସାମାଜିକ ଶାଖା ଜେଏସ୍‌ପିଏଲ ଫାଉଣ୍ଡେଶନ ପକ୍ଷରୁ ମଙ୍ଗଳବାର ଅନୁଗୋଳସ୍ଥିତ ପ୍ଲାଣ୍ଟ ପରିସରରେ ତଥା ପାରିପାର୍ଶ୍ୱିକ ଗ୍ରାମଗୁଡ଼ିକରେ ୮ମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ଯୋଗ ଶିବିର ଆୟୋଜିତ ହୋଇଥିଲା। କମ୍ପାନୀର ମୁଖ୍ୟ ନିର୍ବାହୀ ଅଧିକାରୀ (ଷ୍ଟିଲ ବିଜନେସ୍) ଦିନେଶ କୁମାର ସରାଓଗୀ, ଅନୁଗୋଳ ଶାଖା ମୁଖ୍ୟ ହୃଦୟେଶ୍ୱର ଝା, ନିର୍ବାହୀ ନିର୍ଦ୍ଦେଶକ ସବ୍ୟସାଚୀ ବନ୍ଦୋପାଧ୍ୟାୟଏବଂ ଦାମୋଦର ମିତ୍ତଲଙ୍କ ସହ କମ୍ପାନୀ କର୍ମଚାରୀ ଏବଂ ସେମାନଙ୍କ ପରିବାରବର୍ଗ ଯୋଗ ଗୁରୁ ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀଙ୍କ ତତ୍ତ୍ୱାବଧାନରେ ଯୋଗ ଆସନ ଆଦି ଶିକ୍ଷା ଗ୍ରହଣ କରିଥିଲେ। ଏହି ଅବସରରେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଅଧ୍ୟକ୍ଷ ନବୀନ ଜିନ୍ଦଲ ଏକ ଟୁଇଟ୍ ମାଧ୍ୟମରେ ଯୋଗକୁ ଶରୀର ଓ ମନର ଏକ ଅପୂର୍ବ ସମନ୍ୱୟ ବୋଲି ପ୍ରକାଶ କରିବା ସହ ଯୋଗ ଦ୍ୱାରା ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟର ଅନେକ ଉନ୍ନତି ହୋଇଥାଏ ବୋଲି ପ୍ରକାଶ କରିଥିଲେ। ମୁଖ୍ୟ ନିର୍ବାହୀ ଅଧିକାରୀ ସରାଓଗୀ ଆଗାମୀ ଦିନରେ ଏପରି ଯୋଗାଭ୍ୟାସ ଜାରି ରଖିବାକୁ ସମସ୍ତଙ୍କୁ ନିବେଦନ କରିଥିଲେ। ଅନୁଗୋଳ ଶାଖା ମୁଖ୍ୟ ଝା ସମସ୍ତେ ଫିଟ୍ ରହିବା ପାଇଁ ସଂକଳ୍ପ ନେବା ଏବଂ ପ୍ରତିଦିନ ଯୋଗାଭ୍ୟାସ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଜେଏସ୍‌ପିଏଲ୍ ଫାଉଣ୍ଡେଶନ ପକ୍ଷରୁ ବଡକେରଜାଙ୍ଗ, ଡିଏଭି ସାବିତ୍ରୀ ଜିନ୍ଦଲ ସ୍କୁଲ, ମହିତଳା, ଆଦୃତ ଶିଶୁ ଗୃହ, ଆଶା ଦି ହୋପ୍ ସେଣ୍ଟର ଆଦିରେ ଯୋଗ ଦିବସ ପାଳନ କରାଯାଇଥିଲା।

## ଉତ୍ତମ ସ୍ୱାସ୍ଥ୍ୟସେବା ସରକାରଙ୍କ ଲକ୍ଷ୍ୟ

**ଆଠମଲ୍ଲିକ,୨୨ା୬(ଡି.ଏନ.ଏ.)**

### ଡାକ୍ତରଖାନା କୋଠାର ଭିତ୍ତିପ୍ରସ୍ତର ସ୍ଥାପନ

ଗରିବ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ବହୁ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ସେଗୁଡ଼ିକ କିପରି ଲୋକଙ୍କ ନିକଟରେ ପହଞ୍ଚିବ ସେ ନେଇ ଯତ୍ନବାନ ହେବାକୁ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ପରାମର୍ଶ ଦେଇଛନ୍ତି। ଆଠମଲ୍ଲିକ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ୫୦ ଶଯ୍ୟା ବିଶିଷ୍ଟ ଆନ୍ତଃ ବିଭାଗ ଓ ବହିର୍ବିଭାଗର ନୂତନ କୋଠା ନିର୍ମାଣ ନିମନ୍ତେ ବୁଧବାର ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ ସାଏ ଏହା କହିଛନ୍ତି। ପୂର୍ତ୍ତ ବିଭାଗ ପକ୍ଷରୁ ୫ କୋଟି ୨୨ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଏହି କୋଠା ସମ୍ପୂର୍ଣ୍ଣ ହେବାର ସମୟ ଅବଧି ୧ ବର୍ଷ ରଖାଯାଇଥିବା ଜଣାପଡ଼ିଛି। ଜଗନ୍ନାଥ ମନ୍ଦିରର ପୂଜକ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କ ଦ୍ୱାରା ପୂଜା ପରେ ବିଧାୟକ କଂକ୍ରିଟ ଢାଳି ନିର୍ମାଣର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ମେଡିକାଲରେ ରୋଗୀମାନଙ୍କୁ ବିଧାୟକ ସାଏ ଫଳ ଓ ବିସ୍କୁଟ ବଣ୍ଟନ କରିଥିଲେ। ଏହି ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ବିଧାୟକ ସାଏଙ୍କ ସମେତ ଆଠମଲ୍ଲିକ ଉପଜିଲାପାଳ ଲଳିତମୋହନ ବେହେରା, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ତ୍ରିଲୋଚନ ପ୍ରଧାନ, ବ୍ଲକ ଅଧ୍ୟକ୍ଷ ଦୁଃଶାସନ ରାଉଳ, ଏନ୍‌ଏସି ନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନା, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଫକୀର ମୋହନ ସାହୁ, କନିଷ୍ଠ ଯନ୍ତ୍ରୀ ବିଜୟ କୁମାର ସାହୁ, ମେଡିକାଲ ମ୍ୟାନେଜର ରୀତାଞ୍ଜଳି ସ୍ୱାଇଁ, ଡା. ଅନିଲ କୁମାର ଦେ, ଡା. ଦେବାଶିଷ ଭଞ୍ଜ, ଡା. ମିହିତସ ପାଣି, ୧୦ ନଂ. ୱାର୍ଡ କାଉନସିଲର ସୋନାଲି ରାଉତ, ବରିଷ୍ଠ ଆଇନଜୀବୀ ଅସିତ ରଞ୍ଜନ ଦେଓ, ବିଜୟ ମହାକୁଡ଼ ଓ ଡାକ୍ତରଖାନା କର୍ମଚାରୀ ଉପସ୍ଥିତ ଥିଲେ। ଭୂମିପୂଜା ପରେ ବିଧାୟକ ସାଏ ନିର୍ମାଣାଧୀନ ଆଇ.ଟି.ଆଇ ଓ ଇନ୍‌ଡୋର ଷ୍ଟାଡିୟମ କାର୍ଯ୍ୟର ଅଗ୍ରଗତି ବିଷୟରେ ଅନୁଧ୍ୟାନ କରିଥିଲେ।



ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ଅନ୍ୟମାନେ।

# ଯୋଗର ବିଭିନ୍ନ ପଦ୍ଧତି ପ୍ରଦର୍ଶନ



ବଇଣ୍ଡା ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଛାତ୍ରୀଛାତ୍ରମାନେ ଯୋଗ ଶିକ୍ଷା କରୁଛନ୍ତି।



ଛେଣ୍ଡିପଦାସ୍ଥିତ ଏକ ଶିକ୍ଷାନୁଷ୍ଠାନରେ ଯୋଗଶିକ୍ଷା ଦିଆଯାଉଛି।



ପାଲଲହଡ଼ାସ୍ଥିତ ମାଲ୍ୟଗିରି କଲେଜରେ ଯୋଗ ଶିକ୍ଷା।

**ଛେଣ୍ଡିପଦା/ ବନ୍ତଳା/ ପାଲଲହଡ଼ା/ ବଇଣ୍ଡା/ ଆଠମଲ୍ଲିକ,୨୨ା୬(ଡି.ଏନ.ଏ.)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଅନୁଷ୍ଠାନରେ ମଙ୍ଗଳବାର ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଛେଣ୍ଡିପଦା ବ୍ଲକରେ ବିଡିଓଙ୍କ ନେତୃତ୍ୱରେ ଆୟୋଜିତ ଯୋଗ ଦିବସରେ ବ୍ଲକର ସମସ୍ତ କର୍ମଚାରୀ ସାମିଲ ହୋଇ ଯୋଗ ଶିକ୍ଷା କରିଥିଲେ। ସେହିପରି ବରସାହି ପଞ୍ଚାୟତର ବାଣେଶ୍ୱର ଉଚ୍ଚବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ବୀରକିଶୋର ନାଥଙ୍କ ତତ୍ତ୍ୱାବଧାନରେ ଯୋଗ ଶିବିର ଆୟୋଜିତ ହୋଇଥିଲା। ବାପୁଜୀ ମହାବିଦ୍ୟାଳୟର ଅବସରପ୍ରାପ୍ତ ଖେଳ ଶିକ୍ଷକ ଟଙ୍କଧର ସାହୁ ଓ ପୂର୍ବତନ ସରପଞ୍ଚ ଯୋଗଦେଇ ଯୋଗ ଶିକ୍ଷା ଦେଇଥିଲେ। ଶିମିଳିପାଳ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଈଶ୍ୱର ଚନ୍ଦ୍ର ବିଶ୍ୱାଳ ଓ ଖେଳ ଶିକ୍ଷକ କୈଳାସ ଚନ୍ଦ୍ର ଖଟୁଆ ଯୋଗ ଶିକ୍ଷା ଦେଇଥିଲେ। ସରପଞ୍ଚ ଗିରିଶ ଚନ୍ଦ୍ର ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ବୈଦିକ ଓ ଯୋଗକେନ୍ଦ୍ରଠାରେ ଡକ୍ଟର ଦେବରାଜ ସାହୁ ଯୋଗ ଶିକ୍ଷା ଦେଇଥିଲେ। ବାହାଲସାହି ତୁଳସୀ ପଡିଆଠାରେ ଯୋଗ ଦିବସ ପାଳନ କରାଯାଇଥିଲା। ସେହିପରି ଅନୁଗୋଳ ବ୍ଲକ ବନ୍ତଳା ଗ୍ରାମ ବିଦ୍ୟୁତ୍ ଷ୍ଟ୍ରକଚର ସମ୍ମୁଖ ଖେଳ ପଡିଆରେ ସେକେଣ୍ଡ ଲାଇଟ ୟୁଥ୍ ସଂଘ ତରଫରୁ ଯୋଗ ଦିବସ ପାଳନ କରାଯାଇଥିଲା। ଏଥିରେ ବନ୍ତଳା ସରସ୍ୱତୀ ଶିଶୁ ମନ୍ଦିର, ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଗୁରୁ ହାସ୍ୟଜୀତ ସାହୁଙ୍କଠାରୁ ଯୋଗ ଶିକ୍ଷା ନେଇଥିଲେ। ପାଲଲହଡାସ୍ଥିତ ମାଲ୍ୟଗିରି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅନିଲ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଯୋଗ ଦିବସ ଅବସରରେ ବଳରାମ ପ୍ରଧାନ ଯୋଗ ପ୍ରଶିକ୍ଷକ ଭାବେ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପ୍ରାଧ୍ୟାପକ ଡ. ପ୍ରଶାନ୍ତ କୁମାର ସାହୁ, ଚନ୍ଦନ ଦାସଙ୍କ ସମେତ ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ। ସେହିପରି କିଶୋରନଗର ବ୍ଲକ ବଇଣ୍ଡା ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ବିନିତା ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଯୋଗ ଦିବସରେ ମୁଖ୍ୟ ଅତିଥି ଭାବେ ମଧ୍ୟ ସମ୍ଭାଗର ଯୋଗ ପ୍ରମୁଖ ଭାସ୍କର ସାହୁ, ଅନ୍ୟତମ ଅତିଥି ଭାବେ ବୁଲୁ ପ୍ରସାଦ ସାହୁ, ଜେସ୍ମାମୟୀ ପ୍ରଧାନ ଯୋଗ ଦେଇଥିଲେ। ଏଥିରେ ଛାତ୍ରୀଛାତ୍ରମାନେ ଯୋଗ କରିଥିଲେ। ସେହିପରି ବଇଣ୍ଡା ଜନତା ମହାବିଦ୍ୟାଳୟରେ ଅନୁଷ୍ଠିତ ଦିବସରେ ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ ସିଦ୍ଧାର୍ଥ କୁମାର ପଣ୍ଡା ଯୋଗ ଦେଇଥିବାବେଳେ ପ୍ରଶିକ୍ଷକ ବବୁଲ ଶର୍ମା ଯୋଗ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସେହିପରି ଫୁଲମ୍ବା ହାଇସ୍କୁଲ, କିଶୋରନଗର ହାଇସ୍କୁଲ, ବଇଣ୍ଡା ରେଳ ଷ୍ଟେଶନରେ ଯୋଗ ଦିବସ ପାଳିତ ହୋଇଯାଇଛି। ସେହିପରି ଆଠମଲ୍ଲିକ ମହାବିଦ୍ୟାଳୟ ପରିସରରେ ଯୋଗ ଦିବସରେ ଅଧ୍ୟକ୍ଷ ଆଦିତ୍ୟ କୁମାର ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପତଞ୍ଜଳି ଯୋଗ ଗୁରୁ ମହେଶ୍ୱର ଦେହୁରୀ ଯୋଗଦେଇ ଯୋଗର ବିଭିନ୍ନ ପଦ୍ଧତି ପ୍ରଦର୍ଶନ କରିଥିଲେ। ଆଠମଲ୍ଲିକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶାରୀରିକ ଶିକ୍ଷକ ତରୁଣ କୁମାର ଦାସ ଛାତ୍ରୀଛାତ୍ର ଓ ଗୁରୁମା ଗୁରୁଜୀଙ୍କୁ ଯୋଗ ଶିକ୍ଷା ଦେଇଥିଲେ ।



ବନ୍ତଳା ଗ୍ରାମ ବିଦ୍ୟୁତ୍ ଷ୍ଟ୍ରକଚର ସମ୍ମୁଖ ଖେଳ ପଡିଆରେ ଯୋଗ ଶିବିର।



ଆଠମଲ୍ଲିକ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ଯୋଗ କରୁଛନ୍ତି।

## ସଂକ୍ଷେପରେ

### ଅସହାୟ ଶିଶୁଙ୍କୁ ସହାୟତା



ଢେଙ୍କାନାଳ ଅଫିସ, ୨୨।୬: ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଆର୍ତ୍ତସାନ୍ତରାକାଟେଣୀ ଗ୍ରାମର ମାତୃପିତୃହରା ଦୁଇ ଭଉଣୀଭାଇଙ୍କୁ ବୁଧବାର ଜିଲା ପ୍ରଶାସନ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ଦ୍ୱିତୀୟ ଶ୍ରେଣୀରେ ପଢୁଥିବା ଲକ୍ଷ୍ମୀଧର ନାୟକ (୯) ଏବଂ ପ୍ରଥମ ଶ୍ରେଣୀରେ ପଢୁଥିବା ଅପର୍ଣ୍ଣା ନାୟକ (୬)ଙ୍କ ନାମରେ ୧୦ହଜାର ଟଙ୍କା ଲେଖାଏ ସ୍ଥାୟୀ ଜମା କରାଯାଇଛି। ସେମାନଙ୍କ ପୋଷାକ ପାଇଁ ରେଡ୍‌କ୍ରସ୍ ପାଣ୍ଠିରୁ ୧ହଜାର ଟଙ୍କା ପ୍ରଦାନ କରିବା ପାଇଁ ଜିଲାପାଳ ସରୋଜ କୁମାର ସେଠୀ ନିର୍ଦ୍ଦେଶ ଦେଇଛନ୍ତି। ସମ୍ପୃକ୍ତ ଦୁଇ ଶିଶୁଙ୍କୁ ଦାୟିତ୍ୱ ନେବାକୁ ତାଙ୍କ ଦାଦାଙ୍କୁ କୁହାଯାଇଛି। ଆବଶ୍ୟକ ସ୍ଥଳେ ପ୍ରଶାସନ ପକ୍ଷରୁ ଅଧିକ ସହାୟତା ଯୋଗାଇ ଦିଆଯିବ ବୋଲି ଜିଲାପାଳ ଆଶ୍ୱାସନା ଦେଇଛନ୍ତି। ସୂଚନାଯୋଗ୍ୟ, ମା' ଶାନ୍ତି ନାୟକ ଏବଂ ବାପା ମିଟିକା ନାୟକଙ୍କ ଦୁଇବର୍ଷ ତଳେ ମୃତ୍ୟୁ ଘଟିବା ପରେ ଉଭୟ ଶିଶୁ ଅସହାୟ ହୋଇପଡ଼ିଥିଲେ।

### ପିଏମ୍ଏଜିୱାଇରେ ଜୟପୁର



ଭୁବନ, ୨୨।୬(ଡି.ଏନ୍.ଏ.)

ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା (ପିଏମ୍ଏଜିୱାଇ)ରେ ସାମିଲ ହୋଇଛି ଢେଙ୍କାନାଳ ଜିଲା ଭୁବନ ବ୍ଲକ ଭୂଷଳ ପଞ୍ଚାୟତର ଜୟପୁର ଗ୍ରାମ। ବୁଧବାର ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଆଦର୍ଶ ଗ୍ରାମର ଅଧିବାସୀଙ୍କୁ ସମସ୍ତ ମୌଳିକ ସୁବିଧା ଉପଲବ୍ଧ ହେବ। ଏହି ଯୋଜନାରେ ଅନୁସୂଚିତ ଜାତି ସମ୍ପ୍ରଦାୟର ବିକାଶକୁ ପ୍ରାଧାନ୍ୟ ଦିଆଯାଇଛି। ଏହାଦ୍ୱାରା ଅନୁସୂଚିତ ଜାତି ବର୍ଗର ଲୋକଙ୍କ ସାମାଜିକ, ଅର୍ଥନୈତିକ ଏବଂ ଶୈକ୍ଷିକ ଜୀବନରେ ପରିବର୍ତ୍ତନ ହେବ। ସମସ୍ତଙ୍କୁ ସମାନ ସୁବିଧା ସୁଯୋଗ ମିଳିବ। ପଛୁଆ ବର୍ଗର ଲୋକଙ୍କ ଜୀବନଧାରଣ ମାନଦଣ୍ଡ ଉନ୍ନତ ହେବ। ପାଣି, ପରିମଳ, ସ୍ୱାସ୍ଥ୍ୟ, ପୋଷଣ, ସାମାଜିକ ସୁରକ୍ଷା, ଗ୍ରାମ୍ୟ ସଡ଼କ, ଗୃହ, ବିଦ୍ୟୁତ୍ ସଂଯୋଗ, ପରିବେଶ ଅନୁକୂଳ ଜାଳେଣି ବ୍ୟବହାର, କୃଷି, ଆର୍ଥିକ ପ୍ରୋତ୍ସାହନ, ବୈଷୟିକ ଶିକ୍ଷାରେ ଉନ୍ନତି ସାଙ୍ଗକୁ ଜୀବନଜୀବିକା ଓ ଦକ୍ଷତା ବିକାଶ ଆଦି ବିଷୟ ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯିବ। ଏହାଦ୍ୱାରା ଗ୍ରାମର ସର୍ବାଙ୍ଗୀନ ବିକାଶ ହେବ ବୋଲି ମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ସିପ୍ରା ବରାଳ, ଉପାଧକ୍ଷା ସରୋଜିନୀ ଦ୍ୱିବେଦୀ, ସମିତିସଭ୍ୟ ଉଗ୍ରସେନ ବେହେରା, ସରପଞ୍ଚ ରିଲି ମଲ୍ଲିକ, ମଠକରଗୋଳା ସମିତିସଭ୍ୟା ସନ୍ଧ୍ୟାରାଣୀ ନାୟକ, ପୂର୍ବତନ ବ୍ଲକ ଅଧକ୍ଷ ଧର୍ମାନନ୍ଦ ବରାଳ, ପୂର୍ବତନ ସମିତିସଭ୍ୟ ଅମୂଲ୍ୟ ଦ୍ୱିବେଦୀ, ସୁଧାକର ସାହୁ, ପୂର୍ବତନ ସରପଞ୍ଚ ଚିତ୍ତରଞ୍ଜନ ମଲ୍ଲିକ, ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଗ୍ରାମବାସୀ ମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। କୀର୍ତ୍ତନପୁର କମାରସାହିରେ ଉନ୍ନୟନମୂଳକ କାର୍ଯ୍ୟ ଅଟକି ରହିଛି। ଏହାକୁ ଶୀଘ୍ର ସାରିବାକୁ ଗ୍ରାମବାସୀ ମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି।

# ବର୍ଷା ଆସୁ ଆସୁ କୃତ୍ରିମ ବନ୍ୟା

- ଭୁବନ ସହରାଞ୍ଚଳର ୨ନଂ. ୱାର୍ଡରେ ବିପର୍ଯ୍ୟସ୍ତ ପରିମଳ
- ଏନ୍ଏସି ମାନ୍ୟତାର ୫ ଦଶନ୍ଧି ପରେ ଡ୍ରେନ୍ ନିର୍ମାଣ ନୋହିଲା
- ଅସରାଏ ବର୍ଷାରେ ଶୋଚନୀୟ ୫୩ନଂ. ଜାତୀୟ ରାଜପଥ
- ରାସ୍ତାରେ ଭାସୁଛି ମଇଳା ପାଣି, ଦୁର୍ଗନ୍ଧରେ ଫାଟୁଛି ନାକ

ଭୁବନ, ୨୨।୬(ଡି.ଏନ୍.ଏ.)



ଖାଲଖମାରେ ଭର୍ତ୍ତି ହୋଇ ରାସ୍ତା ଶୋଚନୀୟ ହୋଇପଡ଼ିଛି।

ବର୍ଷା ପୂର୍ବରୁ ପଶିଲାନି ବୁଦ୍ଧି। ନୂତନ ଡ୍ରେନ୍ ନିର୍ମାଣ କରିବାକୁ ନା କରାଗଲା ଯୋଜନା ନା ହେଲା ପୂତିଗନ୍ଧମୟ ଜଳ ନିଷ୍କାସନ ବ୍ୟବସ୍ଥା। ଏବେ ଅସରାଏ ବର୍ଷାରେ ରାସ୍ତାରେ ଲହଡ଼ି ଭାଙ୍ଗୁଛି ବର୍ଷାଜଳ। ଘରେ ପଶୁଛି ମଇଳା ପାଣି। ଆବର୍ଜନା ଭାସି ଆସି ଗଦା ହୋଇ ରହୁଛି ରାସ୍ତାରେ। ଏନ୍ଏସି କର୍ତ୍ତୃପକ୍ଷଙ୍କ ଦୂରଦୃଷ୍ଟି ଅଭାବରୁ ଢେଙ୍କାନାଳ ଜିଲା ଭୁବନ ସହରର ୨ନଂ. ୱାର୍ଡରେ ବର୍ଷା ଆସୁ ଆସୁ ଏଭଳି କୃତ୍ରିମ ବନ୍ୟା ସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ।

ଏନ୍ଏସି ମାନ୍ୟତା ପାଇବାର ଦୀର୍ଘ ୫ ଦଶନ୍ଧି ପରେ ବି ସର୍ବାଧିକ ଜନବହୁଳ ଭୁବନ ସହରାଞ୍ଚଳର ୨ନଂ. ୱାର୍ଡରେ ଡ୍ରେନ୍ ନିର୍ମାଣ ହୋଇପାରିନାହିଁ। ଏହାକୁ ନେଇ ଦାବିପତ୍ର ଦିଆଯାଇଛି। ଆନ୍ଦୋଳନ ହୋଇଛି। ଅସନ୍ତୋଷ ମଧ୍ୟ ବଢ଼ିଚାଲିଛି। ହେଲେ ପ୍ରତିକାର ବ୍ୟବସ୍ଥା ପ୍ରତି ସତେଯେମିତି ଆଖି ବୁଜି ଦେଇଛନ୍ତି କର୍ତ୍ତୃପକ୍ଷ। ଫଳରେ ୩୩୦୦ରୁ ଉର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଏହି ୱାର୍ଡର ବାସିନ୍ଦା ପରିମଳ ସମସ୍ୟାରେ ଘାଣ୍ଟି ହେଉଛନ୍ତି।

ଅଞ୍ଚଳବାସୀଙ୍କ କହିବା କଥା, ନୂଆ ଭୁବନ, କାଳୀବଜାର, କଲଣି ଛକ, ବାଉଁଶକଣ, ଶାସନ, କୋହ୍ଲସାହିକୁ ନେଇ ଗଠିତ ୱାର୍ଡ ନଂ. ୨ ହେଉଛି ଉଭୟ ବ୍ୟବସାୟିକ ଏବଂ ଶିକ୍ଷାର କେନ୍ଦ୍ରସ୍ଥଳ। ଏଠାରେ ଗଢ଼ିଉଠିଛି ନୂଆ ଭୁବନ ସରକାରୀ ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମହିଳା କଲେଜ, ତହସିଲ କାର୍ଯ୍ୟାଳୟ ଭଳି ଏକାଧିକ ଗୁରୁତ୍ୱପୂର୍ଣ୍ଣ ସରକାରୀ ଏବଂ ବେସରକାରୀ ପ୍ରତିଷ୍ଠାନ। ତେବେ ଅବ୍ୟବସ୍ଥିତ ଜଳ ନିଷ୍କାସନ ବ୍ୟବସ୍ଥା ଯୋଗୁ ଏବେ ସମଗ୍ର ୱାର୍ଡବାସୀ, ଛାତ୍ରୀଛାତ୍ର, ତହସିଲ କର୍ମଚାରୀ, ପଥଚାରୀ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ବିଶେଷକରି ନୂଆଭୁବନ ଗୋପାଳସାହିଠାରୁ ଆରମ୍ଭ କରି ପୁରୁଣା ସିନେମା ହଲ୍ ପର୍ଯ୍ୟନ୍ତ ବସବାସ କରୁଥିବା ପରିବାର ଅବ୍ୟବସ୍ଥିତ ପରିମଳରେ ଘାଣ୍ଟି ହେଉଛନ୍ତି। ଡ୍ରେନ୍ ସୁବିଧା ନ ଥିବାରୁ ଲୋକଙ୍କ ନିତ୍ୟ ବ୍ୟବହାର୍ଯ୍ୟ ଦୂଷିତ ପାଣି ରାସ୍ତାରେ ମାଡୁଛି। ଏହି ମଇଳା ପାଣି ନୂଆ ଭୁବନ ଶିବମନ୍ଦିର ନିକଟରେ ଜମା ହେଉଛି। ବ୍ରାହ୍ମଣ ଶାସନ ସମ୍ମୁଖରେ ଅନୁରୂପ ଦୃଶ୍ୟ ଦେଖିବାକୁ ମିଳୁଛି। ଡ୍ରେନ୍ ନ ଥିବାରୁ ବର୍ଷାପାଣି ନିଷ୍କାସନ ହୋଇପାରୁନାହିଁ। ପାଣିସ୍ରୋତରେ ୫୫ନଂ. ଜାତୀୟ ରାଜପଥ ସମେତ ନୂଆ ଭୁବନ ଛକ ରାସ୍ତା ଖାଲଖମାରେ ଭର୍ତ୍ତି ହୋଇ ମରଣଯନ୍ତା ପାଲଟିଛି। ଦୈନିକ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଦିନକୁ ଦିନ ସମସ୍ୟା ବଢୁଥିବାବେଳେ ଏଥିପ୍ରତି ଗୁରୁତ୍ୱ ନ ଦେଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଅଞ୍ଚଳର ବୁଦ୍ଧିଜୀବୀ ଚେତାବନୀ ଦେଇଛନ୍ତି।

**ମଶା ଉପଦ୍ରବ ସୀମା ଟପିଲାଣି**



"ଅବ୍ୟବସ୍ଥିତ ପରିମଳ ବ୍ୟବସ୍ଥା ପାଇଁ ୨ନଂ. ୱାର୍ଡରେ ମଶା ଉପଦ୍ରବ ସୀମା ଟପିଲାଣି। ଡ୍ରେନ୍ ନ ଥିବାରୁ ଘରର ମଇଳା ପାଣି ରାସ୍ତାରେ ମାଡୁଛି। ଦୁର୍ଗନ୍ଧରେ ନାକ ଫାଟୁଛି। ସମସ୍ୟା ପ୍ରତି ଏନ୍ଏସି କର୍ତ୍ତୃପକ୍ଷ ଆଖି ବୁଜି ଦେଇଛନ୍ତି।

-ପଣ୍ଡିତ ପ୍ରମୋଦ ମିଶ୍ର, ସାମାଜିକ କର୍ମୀ

**ଅସରାଏ ବର୍ଷାରେ ଦୁର୍ଦ୍ଦଶା ବଢୁଛି**



"ଅସରାଏ ବର୍ଷା ହେଲେ ୨ନଂ. ୱାର୍ଡବାସୀଙ୍କ ଦୁର୍ଦ୍ଦଶା ବଢୁଛି। ନୂଆ ଭୁବନ ଛକରେ ନିର୍ମାଣ ହୋଇଥିବା ଡ୍ରେନ୍ କାମରେ ଆସୁନାହିଁ। ପାଣି ନିଷ୍କାସନ ହୋଇ ନ ପାରି ରାସ୍ତାରେ ଚାଲୁଛି। ସମସ୍ୟା ପ୍ରତି କେହି ଦୃଷ୍ଟି ଦେଉନାହାନ୍ତି।

-ଅରୁଣ ସାହୁ, ପୂର୍ବତନ କାଉନ୍ସିଲର

**ସମାଧାନ ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି**



"ପାଣି ଜମି ରହୁଥିବା ସ୍ଥାନରେ ଏନ୍ଏସି ପକ୍ଷରୁ ଅସ୍ଥାୟୀ ଜଳ ନିଷ୍କାସନ ବ୍ୟବସ୍ଥା କରାଯାଇଛି। ସର୍ଭେ କରାଯାଇ ଡ୍ରେନ୍ ନିର୍ମାଣ କରା ନ ଗଲେ ବର୍ଷାପାଣି ନିଷ୍କାସନ ହୋଇପାରିବ ନାହିଁ। ଏନ୍ଏସି ବୈଠକରେ ଏହାର ସମାଧାନ ପାଇଁ ନିଷ୍ପତ୍ତି ହୋଇଛି।

-ଶ୍ୟାମସୁନ୍ଦର ସାହୁ, ନିର୍ବାହୀ ଅଧିକାରୀ

## ସତ୍ୟାଗ୍ରହରେ ସାମିଲ ହେବାକୁ ଚାଷୀଙ୍କୁ ଆହ୍ୱାନ



ବୈଠକରେ ଚାଷୀ ପ୍ରତିନିଧିମାନେ।

ଢେଙ୍କାନାଳ ଅଫିସ, ୨୨।୬

ଢେଙ୍କାନାଳ ଦଧିବାମନଜୀଉ ମଠ ନିକଟରେ କୃଷକ ସଙ୍ଗଠନର ଜିଲା ସଭାପତି ବିପ୍ରବର ସାହୁଙ୍କ ଅଧକ୍ଷତାରେ ବୁଧବାର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସଦସ୍ୟ ଶଶାଙ୍କ ଶେଖର ରଥ ଯୋଗଦେଇ କହିଲେ, ଅକ୍ଟୋବରରେ ରାଜ୍ୟ ସଙ୍ଗଠନ ପକ୍ଷରୁ ସତ୍ୟାଗ୍ରହ ଡାକରା ଦିଆଯାଇଛି। ଜିଲାର ସବୁ ବ୍ଲକରୁ ବହୁସଂଖ୍ୟାରେ ଚାଷୀ ଏଥିରେ ଯୋଗଦେବାକୁ ସେ ଆହ୍ୱାନ ଦେଇଛନ୍ତି। ଉପଦେଷ୍ଟା କୈଳାସ ଚନ୍ଦ୍ର ରାଉତ ଚାଷୀର ଉନ୍ନତି ହେଲେ ଚାଷର ଉନ୍ନତି ହେବ ବୋଲି କହିଥିଲେ। ସହ ସମ୍ପାଦକ ପ୍ରହଲ୍ଲାଦ ସାହୁ ଧାନମଣ୍ଡିରେ ଅବ୍ୟବସ୍ଥା, କଟ୍‌ନୀଛଟ୍‌ନୀ, ପ୍ରକୃତ ଚାଷୀଙ୍କ ସମସ୍ୟା ବିଷୟରେ ଆଲୋକପାତ କରିଥିଲେ। ଗୋପାଳ ରାଉତ, ଡମ୍ବରୁ ସେଠୀ, ରଥ ସେଠୀ, ହେମନ୍ତ ବେହେରା, ନକୁଳ ରାଉତ, ଅରବିନ୍ଦ ବରାଳ, ବିଦ୍ୟାଧର ମାଝି, ଚନ୍ଦ୍ରମଣି ନାଥ ପ୍ରମୁଖ ଚାଷୀଙ୍କୁ ସରକାରଙ୍କ ଅସହଯୋଗ ନେଇ ଉଦ୍‌ବେଗ ବ୍ୟକ୍ତ କରିଥିଲେ। ବୈଠକରେ ସମସ୍ତ ୮ ବ୍ଲକ୍‌ର ପ୍ରତିନିଧି ଯୋଗ ଦେଇଥିଲେ। ଜୁଲାଇ ୧୫ ସୁଦ୍ଧା ଜିଲାସ୍ତରୀୟ ବୈଠକ ଡକାଯିବ। ଏଥିରେ ଧାନମଣ୍ଡି ସମସ୍ୟା, ବିଦ୍ୟୁତ୍ ବିଭ୍ରାଟ ବିଷୟରେ ଆଲୋଚନା କରାଯିବ। ଆବଶ୍ୟକ ପଡ଼ିଲେ ଚାଷୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦିଆଯାଇଛି।

## ଡାକ ସଞ୍ଚୟ ବ୍ୟାଙ୍କ ମିଶ୍ରଣକୁ ବିରୋଧ




ଧାରଣାରେ ସାମିଲ ହୋଇଥିବା ଡାକ ବିଭାଗର କର୍ମଚାରୀମାନେ।

ଢେଙ୍କାନାଳ ଅଫିସ, ୨୨।୬

କେନ୍ଦ୍ର ସରକାର ଡାକ ବିଭାଗକୁ ନିଗମୀକରଣ ଓ ଘରୋଇକରଣ କରିବା ଲାଗି ପ୍ରକ୍ରିୟା ଆରମ୍ଭ କରିଛନ୍ତି। ପ୍ରଥମ ପଦକ୍ଷେପ ସ୍ୱରୂପ ଦୀର୍ଘଦିନର ଡାକ ସଞ୍ଚୟ ବ୍ୟାଙ୍କକୁ ବ୍ୟାଙ୍କ ଲିମିଟେଡ୍‌ରେ ମିଶ୍ରଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ବିରୋଧ କରି ଢେଙ୍କାନାଳ ଡାକମଣ୍ଡଳର କର୍ମଚାରୀମାନେ ବୁଧବାର ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଏଭଳି ମିଶ୍ରଣ ଦ୍ୱାରା ଜମାକାରୀଙ୍କ ସୁଧହାର ହ୍ରାସ ପାଇବ। ପେମେଣ୍ଟ ବ୍ୟାଙ୍କ ଦେବାଳିଆ ହୋଇଯିବେ। ଜମାକାରୀ ଜମା ଟଙ୍କା ହରାଇବାର ଆଶଙ୍କା ରହିଛି। ତେଣୁ ଏହା ବିରୋଧରେ ସ୍ୱର ଉଠାଇବାକୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି। କେନ୍ଦ୍ର ସରକାର ଏଥିରୁ ବିରତ ନ ରହିଲେ ଧର୍ମଘଟ ଡାକରା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ଅଖିଳ ଭାରତ ଡାକ କର୍ମଚାରୀ ସଂଘ ୩ୟ ଶ୍ରେଣୀ ମଣ୍ଡଳ ସଭାପତି ଚନ୍ଦ୍ରଶେଖର ସିଂ, ସମ୍ପାଦକ ସୂର୍ଯ୍ୟକାନ୍ତ ସାହୁ, ପୋଷ୍ଟମ୍ୟାନ୍ ମଣ୍ଡଳ ସମ୍ପାଦକ ଅଭିଳାଷ ମହାପାତ୍ର, ଜାତୀୟ ଡାକ କର୍ମଚାରୀ ସଂଘ ମଣ୍ଡଳ ସଭାପତି ସୁଧାକର ମିଶ୍ର, ସମ୍ପାଦକ ଅଶୋକ ନନ୍ଦ, ପୋଷ୍ଟମ୍ୟାନ ମଣ୍ଡଳ ସମ୍ପାଦକ ପ୍ରେମଲତା ସେଠୀ, ତୃତୀୟ ଶ୍ରେଣୀ ସଂଘ ସଙ୍ଗଠକ ଦୀପ୍ତିରଞ୍ଜନ ସାମନ୍ତ, ଗ୍ରାମୀଣ ଡାକ ସେବା ସଂଘ ସଙ୍ଗଠକ ପ୍ରମୋଦ ସାହୁ, ପ୍ରଭାକର ନାୟକ, ଅନ୍ତର୍ଯ୍ୟାମୀ ଖିଲାର ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ଗୋବିନ୍ଦପୁର ଉପ ଡାକଘର ସମେତ ଅବିଭକ୍ତ ଢେଙ୍କାନାଳ ଜିଲାର ସମସ୍ତ ଡାକଘର ସମ୍ମୁଖରେ ବିରୋଧ ପ୍ରଦର୍ଶନ କରାଯାଇଥିଲା।

## ଦ୍ରୌପଦୀଙ୍କ ସଂଘର୍ଷ ମହିଳାଙ୍କ ପାଇଁ ପ୍ରେରଣା

ଢେଙ୍କାନାଳ ଅଫିସ, ୨୨।୬

ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ପକ୍ଷରୁ ଓଡ଼ିଶାର ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ଘୋଷଣା କରାଯାଇଛି। ଓଡ଼ିଶାରୁ ପ୍ରଥମ କରି ଜଣେ ଆଦିବାସୀ ମହିଳାଙ୍କୁ ଏଭଳି ଗୁରୁତ୍ୱପୂର୍ଣ୍ଣ ପଦବୀ ଲାଗି ଚୟନ କରିଥିବାରୁ ଢେଙ୍କାନାଳ ଜିଲା ଭାଜପା ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଏଥିସହ ଦ୍ରୌପଦୀଙ୍କ ବିଜୟ କାମନା କରାଯାଇଛି।



କାର୍ଯ୍ୟକ୍ରମରେ ଭାଜପା ନେତୃବୃନ୍ଦ ଏବଂ କର୍ମୀମାନେ।

ଦ୍ରୌପଦୀଙ୍କ ସଂଘର୍ଷମୟ ଜୀବନ ଦେଶର ମହିଳାଙ୍କ ପାଇଁ ପ୍ରେରଣା ବୋଲି ନେତୃବୃନ୍ଦ ମତବ୍ୟକ୍ତ କରିଛନ୍ତି। ରାମଚନ୍ଦ୍ର ପାତ୍ର, ସୁନୀଲ ଶର୍ମା, ମାତୃ ପ୍ରସାଦ ନନ୍ଦ, ଏମ୍.ଜେ. ମହିମା, ସନ୍ତୋଷ ରାଉତ, ଜ୍ଞାନଚାନ୍ଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆତସବାଜି ଫୁଟାଯିବା ସହ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

## ମାନସିକ ଶାନ୍ତି ବଢ଼ାଏ ଯୋଗ

ଢେଙ୍କାନାଳ ଅଫିସ, ୨୨।୬

ଢେଙ୍କାନାଳ ଜିଲା ଯୋରନ୍ଦାସ୍ଥିତ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସ୍ୱାଧୀନ ରଥଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ଆରତି ନାୟକ ଯୋଗଦେଇ କହିଲେ, ଯୋଗ ଦ୍ୱାରା ଏକାଗ୍ରତା, ମାନସିକ ଶାନ୍ତି ବଢ଼େ। ଜୀବନ ସରସ ସୁନ୍ଦର ହୁଏ। ହିଂସାମୁକ୍ତ ସମାଜ ଗଠନରେ ଏହାର ଅବଦାନ ରହିଛି ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ନେହେରୁ ଯୁବକେନ୍ଦ୍ର ସ୍ୱେଚ୍ଛାସେବୀ, ମହିମା ମହାବିଦ୍ୟାଳୟ ଏନ୍‌ସିସି କ୍ୟାଡେଟ୍, ଆଶାକର୍ମୀ ଅଂଶଗ୍ରହଣ କରିଥିଲେ। ବରିଷ୍ଠ ନାଗରିକ ଶେଷଦେବ ସାମଲ ଯୋଗାଭ୍ୟାସ ସମ୍ପର୍କରେ ନିଜର ଅନୁଭୂତି ବାଣ୍ଟିଥିଲେ। ଡା. ବିଶ୍ୱକଲ୍ୟାଣୀ ଶତପଥୀ, ଅନସୂୟା ଶତପଥୀ, ଫାର୍ମାସିଷ୍ଟ ବବ୍‌ଲୁ ମାଝି, ଅରୁଣୋଦୟ ଶତପଥୀ, ଉତ୍ତମ ନାଏକ ପରିଚାଳନାରେ ସହଯୋଗ କରିଥିଲେ।

## 'ସମନ୍ୱୟ ରଖି କାମ କର'

- ପିଡିଏସ୍ ସାମଗ୍ରୀ ଯୋଗାଣ ବ୍ୟବସ୍ଥିତ କରିବାକୁ ପରାମର୍ଶ
- ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟାନ୍ୱୟନକୁ ଗୁରୁତ୍ୱ

ଭୁବନ, ୨୨।୬(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ଭୁବନ ବ୍ଲକ ସଭାଗୃହ ପରିସରରେ ବୁଧବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଆଶୀର୍ବାଦ ପରିଡ଼ାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ସମ୍ମାନିତ ଅତିଥି ବ୍ଲକ ଅଧକ୍ଷା ସିପ୍ରା ବରାଳ, ଉପାଧକ୍ଷା ସରୋଜିନୀ ଦ୍ୱିବେଦୀ, ଏମ୍‌ପିଙ୍କ ପ୍ରତିନିଧି ଜିତେନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଦଳମତ ନିର୍ବିଶେଷରେ ଅଞ୍ଚଳର ବିକାଶ ପ୍ରତି ସର୍ବାଧିକ ଗୁରୁତ୍ୱ ଦିଆଯିବ। ନିର୍ବାଚିତ ପ୍ରତିନିଧିମାନେ ପ୍ରଶାସନିକ ଅଧିକାରୀଙ୍କ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ଯୋଗ୍ୟ ହିତାଧିକାରୀ ଯେପରି ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍) ସାମଗ୍ରୀରୁ ବଞ୍ଚିତ ନ ହେବେ ସେଥିପ୍ରତି ଗୁରୁତ୍ୱ ଦେବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସ୍ୱଚ୍ଛ କାର୍ଯ୍ୟାନ୍ୱୟନ, ସମନ୍ୱିତ ଶିଶୁ ବିକାଶ ବିଭାଗର ହିତାଧିକାରୀଙ୍କୁ ସରକାରୀ ଯୋଜନାରେ ସାମିଲ କରିବା ଦିଗରେ ଯତ୍ନବାନ ହେବାକୁ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ପ୍ରତି ପଞ୍ଚାୟତରେ ଯେପରି ସ୍ୱଚ୍ଛ ପିଇବା ପାଣି ପହଞ୍ଚିବ, ସେ ଦିଗରେ ଯୋଜନା ପ୍ରସ୍ତୁତ କରିବାକୁ ଗ୍ରାମ୍ୟ ଜଳଯୋଗାଣ ବିଭାଗକୁ କୁହାଯାଇଛି। ବ୍ଲକର ସମସ୍ତ ୧୮ ପଞ୍ଚାୟତକୁ ସମଦୃଷ୍ଟିରେ ଦେଖାଯିବ। କାହାରିକୁ ପାତରଅନ୍ତର କରାଯିବ ନାହିଁ। ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟମାନେ କେବଳ ସମସ୍ୟା ଉପସ୍ଥାପନ କଲେ ହେବ ନାହିଁ, ଏହାର ସମାଧାନ ଦିଗରେ ପ୍ରଶାସନକୁ ଆବଶ୍ୟକ ସହାୟତା କରିବାକୁ ପଡ଼ିବ ବୋଲି ମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

ପ୍ରାରମ୍ଭରେ ଜିପିଇଓ ଶ୍ରୀକାନ୍ତ କୁମାର ବେହେରା ବ୍ଲକର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିବା ସହିତ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ଜିଲା ପରିଷଦ ସଦସ୍ୟ ରମେଶ ଚନ୍ଦ୍ର ସାହୁ, ସୁବାସ ମାଝିଙ୍କ ସମେତ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଏବଂ ବ୍ଲକ ପ୍ରଶାସନର ପଦସ୍ଥ ଅଧିକାରୀ ଆଲୋଚନାରେ ଭାଗନେଇଥିଲେ।




ବୈଠକରେ ମନ୍ତ୍ରୀଙ୍କ ସମେତ ଅନ୍ୟମାନେ।

## ରୋଗୀଙ୍କୁ ଖୋଜିବେ ଆଶାକର୍ମୀ

- ସମନ୍ୱିତ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅଭିଯାନ
- ପ୍ରତି ଘରୁ ସଂଗ୍ରହ କରାଯିବ ତଥ୍ୟ
- ସେପ୍ଟେମ୍ବର ୨୦ ପର୍ଯ୍ୟନ୍ତ ଚାଲିବ

ଢେଙ୍କାନାଳ ଅଫିସ, ୨୨।୬



ବୈଠକରେ ଯୋଗଦେଇଥିବା ସ୍ୱାସ୍ଥ୍ୟ ବିଭାଗର ପଦସ୍ଥ ଅଧିକାରୀ ଓ କର୍ମଚାରୀମାନେ।

ମଶାବାହିତ, ଜଳବାହିତ, ସଂକ୍ରମଣଜନିତ ରୋଗରେ ଆକ୍ରାନ୍ତ ରୋଗୀଙ୍କୁ ଚିହ୍ନଟ କରିବା ପାଇଁ ଢେଙ୍କାନାଳ ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି ସମନ୍ୱିତ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅଭିଯାନ। ସେପ୍ଟେମ୍ବର ୨୦ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଆଶାକର୍ମୀମାନେ ଘରକୁ ଘର ବୁଲି ରୋଗୀଙ୍କୁ ଖୋଜି ବାହାର କରିବେ। ସେମାନଙ୍କୁ ଅତ୍ୟାଧୁନିକ ଚିକିତ୍ସା ସେବା ଯୋଗାଇ ଦିଆଯିବ। ଏଥିସହ ପତଳା ଝାଡ଼ାରେ ଆକ୍ରାନ୍ତ ଶିଶୁଙ୍କୁ ଜିଙ୍କ୍ ବଟିକା ବଣ୍ଟନ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

ମ୍ୟାଲେରିଆ ଦମନ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବା ଏବଂ ବିଭିନ୍ନ ରୋଗରେ ଆକ୍ରାନ୍ତ ରୋଗୀଙ୍କୁ ଚିହ୍ନଟ କରିବା ଉଦ୍ଦେଶ୍ୟରେ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ବୁଧବାର ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିପୂର୍ବରୁ ଗତ ୧୮ ତାରିଖରେ ସିଡିଏମ୍‌ଓ ଡା. ଅଶୋକ କୁମାର ଦାଶଙ୍କ ଅଧକ୍ଷତାରେ ମେଡିକାଲ ଅଫିସର, ବ୍ଲକ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ, ବ୍ଲକ ପ୍ରୋଗ୍ରାମ ମ୍ୟାନେଜର, ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କୁ ନେଇ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଆଶାକର୍ମୀମାନେ ଘର ଘର ବୁଲି ରୋଗୀଙ୍କୁ ଚିହ୍ନଟ କରିବେ। ରୋଗର ଲକ୍ଷଣ ବିଷୟରେ ସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରାଇବେ। ଜ୍ୱରରେ ଆକ୍ରାନ୍ତଙ୍କ ମ୍ୟାଲେରିଆ ପରୀକ୍ଷା କରାଯିବ। କରୋନା ଲକ୍ଷଣ ଥିଲେ କୋଭିଡ୍ ପରୀକ୍ଷା କେନ୍ଦ୍ରକୁ ପଠାଯିବ। ମଶା ଲାର୍ଭା ନଷ୍ଟ କରିବା ଲାଗି ପ୍ରତି ରବିବାର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହେବ। ଲୋକମାନଙ୍କୁ ମଶାରି ବ୍ୟବହାର ଲାଗି ପରାମର୍ଶ ଦିଆଯିବ। ମ୍ୟାଲେରିଆ, ଡେଙ୍ଗୁ, ଫାଇଲେରିଆ, କୋଭିଡ୍, ଟିବି, ଲେପ୍ରସି, ତରଳ ଝାଡ଼ାର କାରଣ ସମ୍ପର୍କରେ ସଚେତନ କରାଯିବ। ଫାଇଲେରିଆ ଏବଂ ହାଇଡ୍ରୋସିଲ ରୋଗୀ ଚିହ୍ନଟ ହେଲେ ତୁରନ୍ତ ବ୍ଲକ କିମ୍ବା ଜିଲାସ୍ତରୀୟ ଅଧିକାରୀଙ୍କୁ ଅବଗତ କରାଯିବ। ବାହାରୁ ଆସୁଥିବା ବ୍ୟକ୍ତିଙ୍କ ପଞ୍ଜୀକରଣ, ଆବାସିକ ବିଦ୍ୟାଳୟରେ ରକ୍ତ ପରୀକ୍ଷା କରିବା, ବିଭିନ୍ନ ସଂକ୍ରାମକ ରୋଗ ସମ୍ପର୍କରେ ସଚେତନ କରିବା ପାଇଁ ପରାମର୍ଶ ଦିଆଯାଇଛି।

ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଜିଲା ଭେକ୍ଟରବାହିତ ରୋଗ ପରାମର୍ଶଦାତା ତପନ କୁମାର ସାହୁ, ସହକାରୀ ଜିଲା ଭେକ୍ଟରବାହିତ ରୋଗ ଅଧିକାରୀ ଡା. ହିମାଂଶୁ ଶେଖର ହେମ୍ବ୍ରମ୍, ଜିଲା କାର୍ଯ୍ୟକ୍ରମ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ, ସହକାରୀ ଜିଲା ଜନସ୍ୱାସ୍ଥ୍ୟ ସମ୍ପର୍କ ଅଧିକାରୀ ନନ୍ଦ କିଶୋର ମଲ୍ଲିକ, ଏସ୍.ଏସ୍. ରହିମ, ସୁକାନ୍ତ ଚାନ୍ଦ, ଶିଶିର ସାହୁ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

